# Akashvani, Sambalpur

## SAMBALPURI NEWS EVENING BULLETIN

## 20 May 2024- 7.02 pm- 7.12 pm.

*********************************************

୧- ରାଜ୍ୟର୍ ୫ ଟା ଲୋକ୍‌ସଭା ଆର୍ ୩୫ ଟା ବିଧାନ୍‌ସଭା ଆସନ୍ ନ ଶାନ୍ତିଶୃଙ୍ଖଳାଥି ସର୍‌ଲା ଭୋଟ୍ ।

- ଉପର୍‌ବେଲା ୫ ବଜେତକ୍ ୬୦ ଦଶ୍‌ମିକ୍ ୫/୫ ପ୍ରତିଶତ୍ ହେଇଛେ ମତଦାନ ।

୨- ବିଜେପିର୍ ବରିଷ୍ଠ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁରୀ, ଅନୁଗୁଳ୍ ଆର୍ କଟକ୍ ନ କଲେ ନିର୍ବାଚନୀ ପ୍ରଚାର୍ ।

୩- ବିଜେଡ଼ି ସଭାପତି ଆଉ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଭୁବ୍‌ନେଶ୍ୱର୍ ନ କରୁଛନ୍ ରୋଡ୍ ସୋ’ ଆର୍ ନିର୍ବାଚନୀ ପ୍ରଚାର୍ ।

ଆଉର୍

୪- ଦକ୍ଷିଣ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ହେବାର୍‌କେ ଥିବାର୍ ଲଘୁଚାପ୍ ଲାଗି ଉପକୂଳ୍ ଓଡ଼ିଶା ସହେତେ ରାଜ୍ୟର୍ କେତେଟା ଜିଲ୍ଲା ନ ହେବା ଜବର୍ ବର୍ଷା- ପାଣିପାଗ୍ ବିଭାଗ୍‌ର ଅନୁମାନ୍ ।

ରାଜ୍ୟ- ନିର୍ବାଚନ        ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ୨ ନମ୍ବର୍ ଖେପ୍ ନିର୍ବାଚନ୍ଥି ୯ ଟା ଜିଲ୍ଲା ନ ୫ ଟା ଲୋକ୍ସଭା ଆସନ୍ ୩୫ ଟା ବିଧାନ୍ସଭା ଆସନ୍ ଲାଗି ମତଦାନ୍ ଶାନ୍ତିଶୃଙ୍ଖଲାଥି ସରିଛେ । ଉପର୍ବେଲା ୫ ବଜେତକ୍ ୬୦ ଦଶ୍ମିକ୍ ୫/୫ ପ୍ରତିଶତ୍ ମତଦାନ୍ ହେଇଥିବା ନିର୍ବାଚନ୍ ଆୟୋଗଙ୍କର୍ ତର୍ଫୁ ସୂଚ୍ନା ମିଲିଛେ । ବର୍ଗଡ଼୍ ଲୋକ୍ସଭା ଆସନ୍ ନ ସବୁନୁ ଅଏତ୍କା ୬୬ ଦଶ୍ମିକ୍ ୧/୪ ପ୍ରତିଶତ୍ ଭୋଟ୍ ପଡ଼ିଥିବାର୍ ବେଲେ ସୁନ୍ଦର୍ଗଡ଼୍ ନ ୬୧ ଦଶ୍ମିକ୍ ୫/୩ ପ୍ରତିଶତ୍, ବଲାଙ୍ଗିର୍ ନ ୬୧ ଦଶ୍ମିକ୍ ୨/୯ ପ୍ରତିଶତ୍, କନ୍ଧମାଲ୍ ନ ୫୭ ଦଶ୍ମିକ୍ ୪/୬ ପ୍ରତିଶତ୍ ଆର୍ ଆସ୍କା ଲୋକ୍ସଭା ଆସନ୍ଥି ୫୫ ଦଶ୍ମିକ୍ ୬/୫ ପ୍ରତିଶତ୍ ଭୋଟ୍ ହେଇଛେ ।

ଇ ଖେପେ ୫ ଟା ସଂସଦୀୟ କ୍ଷେତ୍ର ଲାଗି ୪୦ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଥିବାର୍ ବେଲେ ୩୫ ଟା ବିଧାନ୍ସଭା ଆସନ୍ ଲାଗି ୨ ଶହ ୬୫ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଛନ୍ । ମୋଟ୍ ୯ ହଜାର୍ ଶହେ ୪୮ ଟା ମତଦାନ୍ କେନ୍ଦ୍ର ନ ଭୋଟ୍ ନିଆଯାଇଛେ । ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଣମାଧ୍ୟମ୍କେ ସୂଚ୍ନା ଦେଇକରି କହିଛନ୍ ଯେ, ଆଏଜ୍ ମକ୍ପୋଲ୍ ସମିଆଥି ଯେନ୍ ବୁଥ୍ ନ ଇଭିଏମ୍ଥି ତ୍ରୁଟି

ଦେଖାଦେଇଥିଲା, ସେନ ଇଭିଏମ୍ ବଦଲାଯାଇକରି ଫେର୍ ଲଗାଯାଇଥିଲା ।

ବରଗଡ଼୍ ଲୋକ୍‌ସଭା ଆର୍ ପାଂଚ୍‌ଟା ବିଧାନ୍‌ସଭା ଆସନ୍ ଲାଗି ଆଏଜ ଶାନ୍ତିଶୃଂଖଲା ସହେତେଁ ଭୋଟ ଶେଷ ହେଇଛେ । ଇତାର ସାଙ୍ଗେ ବରଗଡ଼୍ ଲୋକ୍‌ସଭା ଲାଗି ଲଢୁଥିବା ୭ ଝନ୍ ପ୍ରାର୍ଥୀ ଆର୍ ୫ ଟା ବିଧାନ୍‌ସଭା ଆସନ ଲାଗି ନିର୍ବାଚନ ଲଢୁଥିବା ୩୨ ଝନ୍ ପ୍ରାର୍ଥୀ ଙ୍କର୍ ରାଜନୈତିକ ଭାଗ୍ୟ ଇଭିଏମ୍ ନ ବନ୍ଦ ରହିଛେ । ବେଲବୁଡ଼ାର ପାଂଚ ବଜେ ତକ ବରଗଡ଼ ଜିଲ୍ଲାନ ୬୬ ଦଶ୍‌ମିକ୍ ୧/୪ ପ୍ରତିଶତ ଭୋଟ ହଇଛେ । ଇ ବାବ୍‌ଦେ ଆମର୍ ବର୍‌ଗଡ଼୍ ସମ୍ବାଦଦାତାଙ୍କର୍ ଗୁଟେ ରିପୋର୍ଟ...

(ଉମେଶ୍ ବିଶ୍ୱାଲ୍- ବର୍‌ଗଡ଼୍ ସମ୍ବାଦଦାତା)

ବଲାଙ୍ଗିର୍ ସଂସଦୀୟ କ୍ଷେତ୍ରର୍ ସୁବର୍ଣ୍ଣପୁର୍ ଜିଲ୍ଲାର୍ ବୀର୍‌ମହାରାଜ୍‌ପୁର୍ ଆର୍ ସୋନ୍‌ପୁର୍ ବିଧାନସଭା କ୍ଷେତ୍ର ନ ଭୋଟ୍ ସରିଛେ । ସଞ୍ଝର ୫ ବଜେତକ୍ ସୋନ୍‌ପୁର ବିଧାନ୍‌ସଭା କ୍ଷେତ୍ରଥି ୭୧ ଦଶ୍‌ମିକ୍ ୩/୫ ପ୍ରତିଶତ୍ ଆର୍ ବୀର୍‌ମହାରାଜ୍‌ପୁର୍ ବିଧାନ୍‌ସଭା ଆସନ୍‌ଥି ୬୭ ଦଶ୍‌ମିକ୍ ୮ ପ୍ରତିଶତ୍ ମତଦାନ୍ ହେଇଛେ । ବୀର୍‌ମହାରାଜ୍‌ପୁର୍ ବିଧାନ୍‌ସଭା ମଣ୍ଡଲୀର୍ ୨ ଶହ ୬୭ ଟା ବୁଥ୍ ଆର୍ ସୋନ୍‌ପୁର୍ ବିଧାନ୍‌ସଭା ମଣ୍ଡଲୀର୍ ୩ ଶହ ୧୯ ଟା ବୁଥ୍ ନ ଶାନ୍ତିଶୃଙ୍ଖଲାଥି ଲୋକ୍‌ମାନେ ଧାଡ଼ିଥି ଠିଆ ହେଇକରି ଭୋଟ୍ ଦେଇଥିଲେ । ଖରାକେ ନଜର୍‌ଥି ରଖିକରି

ସବୁନୁ ପିଇବାର୍ ପାଏନ୍, ଓଆର୍ଏସ୍ ରଖାଯାଇଥିବାର୍ନୁ ଭୋଟର୍ମାନେ ଖୁସି ପ୍ରକାଶ୍ କରିଛନ୍ ।

ବୌଦ୍ଧ ଜିଲ୍ଲା ନ କନ୍ଧମାଲ୍ ଲୋକ୍ସଭା ଆସନ୍ ସହେତେ ବୌଦ୍ଧ ଆଉ କଂଟାମାଲ୍ ବିଧାନ୍ସଭା ଆସନ୍ ଲାଗି ଭୋଟ୍ ହେଇଛେ । ଉପର୍ବେଲା ୪ ବଜେତକ୍ ୫୯ ପ୍ରତିଶତ୍ ମତଦାନ୍ ହେଇଥିବା ଆମର୍ ସମ୍ବାଦଦାତା ଜନେଇଛନ୍ । ଜିଲ୍ଲା ନ ଇଭିଏମ୍ ତ୍ରୁଟି ଲାଗି ମତଦାନ୍ ହେବାର୍ଥି ଡେରି ହେଇଥିଲା । ସେଥିର୍ଲାଗି କେତେଟା ବୁଥ୍ ନ ଏଛେନ୍ ମତଦାନ୍ ଚାଲିଛେ ।

ଦେଶ୍ ନିର୍ବାଚନ୍ ଆର୍ଏନ୍ୟୁ/ ସମ୍ବଲପୁର୍

ଦେଶେ ୫ ନମ୍ବର୍ ଖେପ୍ ସାଧାରଣ୍ ନିର୍ବାଚନ୍ ଲାଗି ଶାନ୍ତିଶୃଙ୍ଖଲାଥି ଭୋଟ୍ ଶେଷ୍ ହେଇଛେ । ଉପର୍ବେଲା ୫ ବଜେତକ୍ ମୋଟ୍ ୫୬ ଦଶ୍ମିକ୍ ୬/୮ ପ୍ରତିଶତ୍ ମତଦାନ୍ ହେଇଥିବା ନିର୍ବାଚନ୍ ଆୟୋଗଙ୍କର୍ ତର୍ଫୁ ସୂଚ୍ନା ମିଲିଛେ । ଇ ଖେପେ ଓଡ଼ିଶା, ବିହାର୍, ଝାର୍ଖଣ୍ଡ, ମହାରାଷ୍ଟ୍ର, ଉତର୍ପ୍ରଦେଶ୍ ଆର୍ ପର୍ଶ୍ଚିମବଙ୍ଗ ରାଜ୍ୟ ସହେତେ ଜାମ୍ମୁ କାଶ୍ମୀର୍ ଆର୍ ଲଦାଖ୍ କେନ୍ଦ୍ରଶାସିତ୍ ଅଂଚଲ୍ର ୪୯ ଟା ଲୋକ୍ସଭା ଆସନ୍ ଲାଗି ଭୋଟ୍ ନିଆଯାଇଛେ । କେନ୍ଦ୍ରମନ୍ତ୍ରୀ ରାଜ୍ନାଥ୍ ସିଂ, ସ୍ମୃତି

ଇରାନୀ, ପିୟୁସ୍ ଗୋୟେଲ୍ଙ୍କର୍ ସହେତେ ୯ ଝନ୍ କେନ୍ଦ୍ରମନ୍ତ୍ରୀଙ୍କର୍ ଭାଗ୍ୟ ଭୋଟର୍ମାନେ ନିର୍ଦ୍ଧାରଣ୍ କରିଛନ୍ ।

ପ୍ରଧାନ୍ମନ୍ତ୍ରୀ- ପୁରୀ- ରୋଡ୍ ସୋ ଆର୍ଏନ୍ୟୁ/ କଟକ୍

ବିଜେପିର୍ ବରିଷ୍ଠ ନେତା ଆର୍ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ୨ ଦିନିଆ ଓଡ଼ିଶା ଗସ୍ତଥି ଆସିକରି ଦଲୀୟ ପ୍ରାର୍ଥୀମାନ୍କର୍ ଲାଗି ଆଏଜ୍ ପ୍ରଚାର୍ କରିଛନ୍ । ପ୍ରଧାନ୍ମନ୍ତ୍ରୀ ପହେଲା ପୁରୀ ନ ରୋଡ୍ ସୋ କରିଥିଲେ । ତାର୍ ପରେ ଅନୁଗୁଲ୍ ଆର୍ କଟକ୍ ନ ୨ ଟା ନିର୍ବାଚନୀ ସଭାକେ ସମ୍ବୋଧନ୍ କରିଛନ୍ । କଟକ୍ ଠାନେ ହେଇଥିବା ଜନସମାବେଶ୍ଥି ଉଦ୍ବୋଧନ୍ ଦେଇକରି ପ୍ରଧାନ୍ମନ୍ତ୍ରୀ ଓଡ଼ିଶା ବିଜେପି ତର୍ଫୁ ଜାରି କରାଯାଇଥିବା ନିର୍ବାଚନୀ ଇସ୍ତାହାର୍କେ ପ୍ରଶଂସା କରିଛନ୍ । ଇତାର୍ସହେତେ ଓଡ଼ିଶା ନ ଡବଲ୍ ଇଞ୍ଜିନ୍ ସର୍କାର୍ ଦର୍କାର୍ ଅଛେ ବଲି ସେ କହିଥିଲେ । ଇତାର୍ ଆଘୋନୁ ଅନୁଗୁଲ୍ ଠାନେ ହେଇଥିବା ନିର୍ବାଚନୀ ସଭାଥି ଯୋଗ୍ ଦେଇକରି ଓଡ଼ିଶା ନ ଇଥର ପରିବର୍ତନ୍ ନିଶ୍ଚିତ ବଲି ପ୍ରଧାନ୍ମନ୍ତ୍ରୀ ମତବ୍ୟକ୍ତ କରିଥିଲେ । ସେ ଆହୁରି କହିଥିଲେ ଯେ, ଓଡ଼ିଶା ପ୍ରାକୃତିକ ସମ୍ପଦ୍ଥି ଭର୍ପୁର୍ ହେଇକରି ଥିଲେ ଭିଲ୍ ଇନ ଲୋକ୍ ଏଛେନ୍ ଭିଲ୍ ଦାରିଦ୍ର୍ୟ ସୀମାରେଖା ତଲେ ରହିଛନ୍ । ସେମାନ୍କର୍ ଉତ୍ଥାନ୍ ଲାଗି ରାଜ୍ୟ ସର୍କାର୍ ସେନ୍ତା କେନ୍ସି ଖାସ୍

ପଦକ୍ଷେପ୍ ନାଇଁ ନେଇ ବଲି ପ୍ରଧାନ୍‌ମନ୍ତ୍ରୀ ତାଁକର୍ ଭାଷଣ୍‌ଥି କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଆଏଜ୍ ସଖାଲେ ପ୍ରଧାନ୍‌ମନ୍ତ୍ରୀ ଭୁବ୍‌ନେଶ୍ୱର୍ ରାଜଭବନ୍‌ନୁ ବାହାରିକରି ପୁରୀ ଯାଇଥିଲେ । ସେନ ଶ୍ରୀଜୀଉମାନ୍‌କୁ ଦର୍ଶନ୍ କର୍‌ବାର୍ ଉତ୍‌ରୁ ବଡ଼ଦାଣ୍ଡ ନ ଗୁଟେ ରୋଡ଼୍ ସୋଥି ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କରିଥିଲେ ।

ମୁଖ୍ୟମନ୍ତ୍ରୀ- ରୋଡ଼୍ ସୋ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ବିଜେଡ଼ିର ସଭାପତି ଆଉ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଭୁବ୍‌ନେଶ୍ୱର୍ ଠାନେ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କର୍‌ବାର୍ ସହେତେ ଗୁଟେ ରୋଡ଼୍ ସୋ କରୁଛନ୍ । ଇ ରୋଡ଼୍ ସୋ' ପଳାସପଲ୍ଲୀ ପୁନାମାଗେଟ୍ ଫ୍ଲାଏଓଭର୍ ବ୍ରିଜ୍‌ଠାନୁ ବାହାରିଥିବାର୍ ବେଲେ ଏକାମ୍ରଛକ୍‌ତକ୍ ଯିବା । ଇଥିର୍‌ଲାଗି ଭୁବ୍‌ନେଶ୍ୱର୍ ନ ଜବର୍ ଭିଡ଼୍ ହେଇଥିବାର୍ ବେଲେ ପୁଲିସ୍ ତର୍‌ଫୁ ଟ୍ରାଫିକ୍ କଟ୍‌କନା କରାଯାଇଛେ ।

ମାଓବାଦୀ-ଏସ୍‌ଓଜି ଗୁଳି ବିନିମୟ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ ଶିବନାରାୟଣପୁର୍ ପାଖର୍ ଜଙ୍ଗଲ୍ ନ ମାଓବାଦୀ ଆଉ ଏସ୍ଓଜି ଜବାନ୍‌ଙ୍କର୍ ଭିତ୍‌ରେ ଗୁଲି ମରାମରି ହେଇଛେ । କମ୍ବିଂ ଅପରେସନ୍ ଚାଲିଥିବାର୍ ବେଲେ ମାଓବାଦୀମାନ୍‌କର୍ ଆଡୁ ଗୁଲି ଚଲାଯାଇଥିଲା । ଏସ୍ଓଜି ଯବାନ୍ ପ୍ରକାଶ୍ ସାଇଙ୍କର୍ ଖାନ୍ଦେ ଗୁଲି ବାଜ୍‌ବାର୍‌ନୁ ସେ ଆହତ୍ ହେଇଛନ୍ । ଏଛେନ୍ ସେ ରାୟପୁର୍ ନ ଚିକିତ୍ସିତ୍ ହେଉଥିବା ନୂଆପଡ଼ା ଏସ୍.ପି. ରାଘବେନ୍ଦ୍ର ଗୁଣ୍ଡାଲା ରେଡ୍ଡୀ ସୂଚ୍‌ନା ଦେଇଛନ୍ । ଏଛେନ୍ ସେ ଇଲାକା ନ କୋବ୍ରା ଆଉ ସୁନାବେଡ଼ା ନ ସିଆର୍‌ପିଏଫ୍ ଯବାନ୍‌ମାନେ ଥିତି ଉପ୍‌ରେ ନଜର୍ ରଖିଛନ୍ ।

ଆଇଆଇଏମ୍ ସମ୍ବଲ୍‌ପୁର୍       ପ୍ରେସ୍ ରିଲିଜ୍

ଭାରତୀୟ ପ୍ରବନ୍ଧନ୍ ସଂସ୍ଥାନ୍ - ଆଇଆଇଏମ୍ ସମ୍ବଲ୍‌ପୁର୍‌ର ଆଇ ହବ୍ ଫାଉଣ୍ଡେସନ୍ ତର୍‌ଫୁ ଇନ୍‌କ୍ୟୁବେଟର୍ ଆର୍ ଆସେଲ୍‌ରେଟର୍ ପ୍ରୋଗ୍ରାମ୍ - ୨୦୨୪ -୨୫ ଲାଗି ଆବେଦନ୍ ମୁଲ୍ ହେଇଛେ । ଆଏବା ୩୦ ତାରିଖ୍ ଆବେଦନ୍‌ର ଶେଷ୍ ଦିନ୍ ରହିଛେ । ଆବେଦନ୍ ଦାଖଲ୍ କର୍‌ବାର୍ ଉତ୍‌ରୁ ବଛା ଯାଇଥିବା ପ୍ରାର୍ଥୀମାନେ ଆଏବା ଜୁନ୍ ୧ ତାରିଖ୍ ନୁ ୧୪ ତାରିଖ୍ ଭିତ୍‌ରେ ସେମାନ୍‌କର୍

ପ୍ରୋଜେକ୍ଟ ଉପସ୍ଥାପନ୍ କର୍‌ବାର୍ ସୁଯୋଗ୍ ପାଏବେ। ସେନ୍ତା ଜୁନ୍ ୧୫ ତାରିଖ୍ ଦିନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷ୍‌ନା କରାଯିବା।

## କଲାହାଣ୍ଡି ସଡ଼କ୍ ସୁରକ୍ଷା କମିଟି ବୈଠକ

କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାର୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଜିଲ୍ଲା ସଡ଼କ୍ ସୁରକ୍ଷା କମିଟି ବୈଠକ୍ ହେଇଯାଇଛେ। ଜିଲ୍ଲାପାଲ୍ ପି. ଅନ୍ୱେଷା ରେଡ୍ଡୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଆଂଚଲିକ୍ ପରିବହନ୍ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ଉପସ୍ଥିତ୍ ଥିଲେ। ଚଲ୍‌ତିବଛର୍ ଜାନୁଆରୀ ନୁ ଏପ୍ରିଲ୍ ଭିତ୍‌ରେ ଶହେ ୨୭ ଟା ସଡ଼କ୍ ଦୁର୍ଘଟଣାଥି ୭୫ ଝନ୍‌କର୍ ଜୀବନ୍ ଯାଇଥିବାର୍ ପରିବହନ୍ ଅଧିକାରୀ ବୈଠକ୍‌ଥି ସୂଚ୍‌ନା ଦେଇଥିଲେ। ଜିଲ୍ଲାର୍ ଛତିଗୁଡ଼ା ନୁ ନର୍ଲା, ଛତିଗୁଡ଼ା ନୁ କିଡ଼ିଙ୍ଗ୍, ବାନେରୋ ନୁ ଲଡୁଗାଁ, ଧର୍ମଗଡ଼ନୁ କୋକସରା, ମୁଖିଗୁଡ଼ା ନୁ ମହୁଲ୍‌ପାଟ୍‌ନା ରାସ୍ତାର୍ ମରାମତି ଦର୍‌କାର୍ ରହିଛେ ସଡ଼କ୍ ସୁରକ୍ଷା କମିଟି ରିପୋର୍ଟଥି କୁହାଯାଇଥିଲା। ଇତାକେ ନଜର୍‌ଥି ରଖିକରି ଇ ସବୁ ରାସ୍ତାର୍ କାମ୍ ଜଲ୍‌ଦି

ସାର୍‌ବାର୍‌କେ ଜିଲ୍ଲାପାଲ୍ - ସଡ଼କ ଆଉ ଗୃହ ନିର୍ମାଣ ବିଭାଗ୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ସମ୍ବଲ୍‌ପୁର୍ ପୁଲିସ୍ ନିର୍ବାଚନ୍ ତୟାରି      ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ନ ଆଏବା ୨୫ ତାରିଖ୍ ଦିନ ସାଧାରଣ ନିର୍ବାଚନ୍ ଲାଗି ଭୋଟ୍ ହେବା । ନିର୍ବାଚନ୍‌କେ ସ୍ୱଚ୍ଛ, ମୁକ୍ତ ଆଉ ଅବାଧ  ଭାବେ ପରିଚାଲନା କର୍‌ବାର୍ ଲାଗି ପୁଲିସ୍ ତର୍‌ଫୁ ଭିନ୍ ଭିନ୍ ଗାଁ ଇଲାକା ନ ବୈଠକ୍ କରାଯାଇଛେ । ସମ୍ବଲ୍‌ପୁର୍, ରେଢ଼ାଖୋଲ, କୁଚିଣ୍ଡା, ରେଙ୍ଗାଲି ନିର୍ବାଚନ୍ ମଣ୍ଡଲୀର୍ ଭିନ୍ ଭିନ୍ ଗାଁ ନ ଶାନ୍ତିପୂର୍ଣ୍ଣ ଭାବେ ଭୋଟ୍ ସାର୍‌ବାର୍‌କେ ପୁଲିସ୍ ତର୍‌ଫୁ ଲୁକ୍‌କୁ ନିବେଦନ୍ କରାଯାଇଛେ । ଇତାର୍‌ସହେତେ ଭିନ୍ ଭିନ୍ ଥାନା ଇଲାକା ନ ସଖାଲ୍‌ବେଲା ଫ୍ଲାଗ୍‌ମାର୍ଚ୍ଚ କରାଯାଉଛେ ।

ଇରାନ୍ ରାଷ୍ଟ୍ରପତି, ବୈଦେଶିକ୍ ମନ୍ତ୍ରୀ ମୃତ      ପି.ଆଇ.ବି.

ଇରାନ୍‌ର ରାଷ୍ଟ୍ରପତି ଡକ୍ଟର୍ ସୟଦ୍ ଇବ୍ରାହିମ୍ ରେଇଜି ଆର୍ ବୈଦେଶିକ ମନ୍ତ୍ରୀ ହୁସେନ୍ ଅମିର୍ ଅବଦୋଲ୍ଲାଇଆନ୍‌ଙ୍କର୍ ହେଲିକେପ୍ଟର୍ ଦୁର୍ଘଟଣାଥି ଜୀବନ୍ ଯାଇଛେ । ତାଙ୍କର୍

ଉଦ୍ଧେଶ୍ୟେ ଆଏବା କାଏଲ୍ ଭାରତ୍ ନ ଦିନ୍‌କିଆ ରାଷ୍ଟ୍ରୀୟ ଶୋକ ଘୋଷ୍ନା କରାଯାଇଛେ । ଇ ସମିଆଥି ଜାତୀୟ ପତାକାକେ ଅର୍ଦ୍ଧନମିତ କରାଯିବା । ଇତାର୍‌ସହେତେ ଦେଶେ କେନ୍‌ସି ପ୍ରକାର୍ ସର୍‌କାରୀ ଉତ୍ସବ୍ ନାଇଁ କରାଯାଏ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ଦକ୍ଷିଣ୍ ପଶ୍ଚିମ ବଙ୍ଗୋସାଗର୍ ନ ଆଏବା ବୁଧବାର୍ ଗୁଟେ ଲଘୁଚାପ୍ ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ତାରିଖ୍ ଆଡ଼େ ଇଟା ଅବପାତର ରୂପ ନେଇପାରେ । ଇତାର୍ ପ୍ରଭାବ୍‌ଥି ଉପକୂଲ ଓଡ଼ିଶା ସହେତେ ଆଉ କେତୋଟା ଜିଲ୍ଲା ନ ଜବର୍ ବର୍ଷା ହେବା । ଇତାର୍‌ସହେତେ ୪୦ ନୁ ୫୦ କିଲୋମିଟର୍ ବେଗଥି ପବନ୍ ବୁହିବା ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଲଘୁଚାପ୍ ପ୍ରଭାବ୍‌ଥି ଆଏବା ୨୩ ତାରିଖ୍ ସଖାଲୁ ସମୁଦ୍ର ଅଶାନ୍ତ ରହେବା । ହେଥିର୍‌ଲାଗି ମତ୍ସ୍ୟଜୀବୀମାନ୍‌କୁ ସମୁଦ୍ର ଭିତର୍‌କେ ନାଇଁ ଯିବାର୍ ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ବାରଣ୍ କରିଛନ୍ । ସମୁଦ୍ର

ଭିତ୍‌ରେ ଥିବା ମତ୍ସ୍ୟଜୀବୀମାନେ ଆଏବା ୨୩ ତାରିଖ୍‌ତକ୍
ଫିରିଆସ୍‌ବାର୍‌କେ ସେ ପରାମର୍ଶ ଦେଇଛନ୍ ।